ISSN -2583-147X(P), Vol.- 8, Issue No.XII, March 2023
Bastabatara Pariprakash Prachee
*Peer Reviewed and Referred Research Journal*

# ମାଦଳା ପାଞ୍ଜିରେ ପ୍ରାଚୀନ ଓଡ଼ିଆ ଭାଷା

**ଡକ୍ଟର ଅମ୍ବରୀଶ ଶତପଥୀ**

ବର୍ଷାଣାଂ ଭାରତବର୍ଷ ଦେଶାନାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମୋଦେଶଃ ଦେଶନାସ୍ତି ମହୀତଳେ ।

– କପିଳ ସଂହିତା

ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଅତି ପ୍ରାଚୀନ କାଳରୁ ଉତ୍କଳ, କଳିଙ୍ଗ ବା ଆଜିର ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । ଶ୍ରୀ ଜଗନ୍ନାଥଙ୍କ ସହିତ ଓଡ଼ିଆ ଭାଷା, ଓଡ଼ିଶୀ ନୃତ୍ୟ ତଥା ଓଡ଼ିଆ ଜାତିର ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ଖ୍ରୀ.ପୂ. ୨୬୧ରେ ମଗଧ ସମ୍ରାଟ ଅଶୋକ ଓଡ଼ିଶା ଆକ୍ରମଣ କରିଥିଲେ ଏବଂ ଦୟାନଦୀ କୂଳରେ ଐତିହାସିକ କଳିଙ୍ଗ ଯୁଦ୍ଧ ସଂଗଠିତ ହୋଇଥିଲା, ଯେଉଁ ଯୁଦ୍ଧରେ ଲକ୍ଷାଧିକ ଲୋକ ମୃତାହତ ଓ ବନ୍ଦୀ ହୋଇଥିଲେ ଏବଂ ସର୍ବୋପରି ଦୟାନଦୀର ଜଳ ରକ୍ତବର୍ଣ୍ଣ ଧାରଣ କରିଥିଲା । ସମ୍ରାଟ ଅଶୋକଙ୍କର ବିଜୟ ହେଲା ସତ ମାତ୍ର ତାଙ୍କ ହୃଦୟରେ ଆସିଲା ବିରାଟ ପରିବର୍ତ୍ତନ । କ୍ରୁର ନିର୍ମମ ଚଣ୍ଡାଶୋକରୁ ସେ ପାଲଟିଗଲେ ଧର୍ମାଶୋକ । ସମଗ୍ର ବିଶ୍ୱରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ପାଇଁ ସେ ଉଦ୍ୟମ କରିବା ସହ ଶାନ୍ତି ଓ ଅହିଂସାର ବାଣୀ ପ୍ରଚାର କରିବାକୁ ଲାଗିଲେ । ଧଉଳି ପାହାଡ଼ରେ ପାଲୀ ଭାଷାରେ ଓ ବ୍ରାହ୍ମୀଲିପିରେ ଖୋଦିତ ଶିଳାଲେଖ ଆଜି ମଧ୍ୟ ମୂକସାକ୍ଷୀ ପରି ବିଦ୍ୟମାନ ଯେଉଁଥିରେ କି ବହୁ ଓଡ଼ିଆ ଶବ୍ଦ ଖୋଦିତ ହୋଇଛି । ଏଥିରୁ ପ୍ରମାଣ ମିଳେ ଯେ ଖ୍ରୀଷ୍ଟପୂର୍ବ କାଳରୁ ପ୍ରାଚୀନ ଓଡ଼ିଆ ଭାଷାର ଉଦ୍ଭବ ହୋଇଛି ଠିକ୍ ସେହିପରି ଜୈନ ସମ୍ରାଟ ଖାରବେଳଙ୍କ ଖଣ୍ଡଗିରି ଓ ଉଦୟଗିରିରେ ଥିବା ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ବହୁ ପ୍ରାଚୀନ ଓଡ଼ିଆ ଶବ୍ଦର ସମ୍ଭାର ଦୃଷ୍ଟିଗୋଚର ହୋଇଥାଏ । ତା'ଛଡ଼ା ବିଭିନ୍ନ ଶିଳାଲେଖ, ତାମ୍ରଫଳକ, ତାଳପତ୍ର ପୋଥି ଇତ୍ୟାଦିରୁ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ମିଳିବା ସହିତ ଓଡ଼ିଆ ଭାଷା ତଥା ଲିପିର ପ୍ରାଚୀନତା ସମ୍ପର୍କରେ ସୂଚନା ମିଳିଥାଏ ।

ଓଡ଼ିଆ ଭାଷାର ଗଦ୍ୟରୂପ ସମ୍ପର୍କରେ ଆଲୋଚନା ତଥା ଗବେଷଣା କଲେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଲେଖା ହେଉଥିବା ମାଦଳାପାଞ୍ଜିର ଗଦ୍ୟରୂପ ସର୍ବାଗ୍ରେ ଆତ୍ମପ୍ରକାଶ କରିଥାଏ । ପ୍ରଖ୍ୟାତ ଗବେଷକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ–

– ଟ୍ରେନିଂ ସ୍କୁଲରେ ସଂସ୍କୃତ ପରିବର୍ତ୍ତେ ଉଚ୍ଚଧରଣର ଓନିଆ ସାହିତ୍ୟ ପ୍ରବର୍ତ୍ତନ କରିବାର ଉପଯୋଗିତା ଉପଲବ୍ଧି କରି ୧୯୩୦ ମସିହାରେ ବିହାର-ଓଡ଼ିଶାର ଡିରେକ୍ଟର ଫକସ ସାହେବ ପ୍ରାଚୀନ ଗଦ୍ୟ ଓ ପଦ୍ୟ ସମ୍ବଳିତ ଗୋଟିଏ ଗ୍ରନ୍ଥ ସଂକଳନ କରିବାକୁ ମୋତେ ଅନୁରୋଧ କରିଥିଲେ । ସେହି ଉଦ୍ଦେଶ୍ୟ ସାଧନ ନିମିତ୍ତ ମାଦଳାପାଞ୍ଜିର କେତେକ ଅଂଶ କେତେକ ଶିଳାଲିପି, କେତେକ ବାରବ୍ରତ କଥା ଓ ଅନ୍ୟାନ୍ୟ ପ୍ରାଚୀନ ଗଦ୍ୟ ସହିତ ପ୍ରାଚୀନ ପଦ୍ୟ କେତେକ ସନ୍ନିବେଶିତ କରି 'ଗଦ୍ୟ ପଦ୍ୟାଦର୍ଶ' ନାମକ ଖଣ୍ଡିଏ ଗ୍ରନ୍ଥ ୧୯୩୨ ମସିହାରେ ପ୍ରକାଶିତ ହେଲା । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ଏହି ଉକ୍ତିରୁ ମାଦଳାପାଞ୍ଜିର ଭାଷାରେ ଯେ ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ରୂପର ପ୍ରକୃତ ପରିଚୟ ଥିଲା ଏହା ଅନସ୍ୱୀକାର୍ଯ୍ୟ ।

ବିଭିନ୍ନ ଗବେଷକ, ଐତିହାସିକ ତଥା ସାହିତ୍ୟିକମାନଙ୍କର ମାଦଳାପାଞ୍ଜି ରଚନାର କାଳ ସମ୍ପର୍କରେ ଭିନ୍ନ ଭିନ୍ନ ମତ ପରିଲକ୍ଷିତ ହୋଇଥାଏ । ମାଦଳାପାଞ୍ଜିର ଭାଷା ଓ ଶୈଳୀ ସମ୍ବନ୍ଧରେ ବିଭିନ୍ନ ଗବେଷକଙ୍କର ବିଭିନ୍ନ ମତ ରହିଛି । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ

ମତରେ– The language of the Panji does not seen to be older than that of the 11 or 12 century. From the 12 century onwards the development of the language is traceable.

ଯେ କୌଣସି ଦେଶର ପ୍ରାଚୀନ ଇତିହାସ, ସଂସ୍କୃତି ଓ ସାହିତ୍ୟ ଗବେଷଣାର ବିଷୟବସ୍ତୁ ଅଟନ୍ତି । କାରଣ ପ୍ରାଚୀନ ଯୁଗରେ ଏସବୁର ପରିଚର୍ଯ୍ୟା ନଥିବାରୁ ବହୁ ବିଷୟ ଅନ୍ଧକାର ଗହ୍ୱରରେ ଏବେ ସୁଦ୍ଧା ଲୁକ୍କାୟିତ ହୋଇ ରହିଅଛି । ସେହି ନ୍ୟାୟରେ ଅତୀତ ଓଡ଼ିଶାର ଇତିହାସ, ସଂସ୍କୃତି ଓ ସାହିତ୍ୟ ଏବେ ମଧ୍ୟ ଗବେଷଣାର ଅପେକ୍ଷା ରଖିଅଛି । ଓଡ଼ିଶାର ଏହି ଅମୂଲ୍ୟ ଗଦ୍ୟ ସମ୍ପଦକୁ ୧୮୨୨ ମସିହାରେ ପ୍ରଥମେ ଐତିହାସିକ ଷ୍ଟାର୍ଲିଂ, ୧୮୭୨ ମସିହାରେ 'History of Orissa' ରେ W.W. Hunter, ୧୮୭୯ ମସିହାରେ ପ୍ୟାରୀମୋହନ ଆଚାର୍ଯ୍ୟ, ୧୯୮୨ ମସିହାରେ ମନମୋହନ ଚକ୍ରବର୍ତ୍ତୀ, ୧୯୨୭ ମସିହାରେ ଫ୍ଲିଟ 'Epigratia Indica' ଓ ରମାପ୍ରସାଦ ଚାନ୍ଦ ଲୋକଲୋଚନକୁ ଆଣିଥିଲେ । ୧୯୨୯ ମସିହାରେ ପ୍ରାବନ୍ଧିକ ଓ ଗବେଷକ ଜଗବନ୍ଧୁ ସିଂହ ମାଦଳାପାଞ୍ଜିର ସାହିତ୍ୟିକ ମୂଲ୍ୟ ଅବଧାରଣା କରିଥିଲେ । ୧୯୩୨ ମସିହାରେ ଗବେଷକ ଡ. ଆର୍ତ୍ତବଲ୍ଲଭ ମହାନ୍ତି ଜଗବନ୍ଧୁ ସିଂହଙ୍କ ମତକୁ ସମର୍ଥନ କରିଥିଲେ । ୧୯୪୦ ମସିହାରେ ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ମାଦଳାପାଞ୍ଜି (ରାଜଭୋଗ-ଇତିହାସ) ପ୍ରଥମେ ସମ୍ପାଦିତ ହୋଇ ଓଡ଼ିଶାର ସୁଧୀ ପାଠକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଏହାଛଡ଼ା ଗବେଷକ ମନମୋହନ ଚକ୍ରବର୍ତ୍ତୀ, ରାଜେନ୍ଦ୍ରଲାଲ ମିତ୍ର, ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡ. ସୁନୀତି କୁମାର ଚାଟାର୍ଜୀ, ଗୋପାଳ ଚନ୍ଦ୍ର ପ୍ରହରାଜ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଡ. କୁଞ୍ଜବିହାରୀ ତ୍ରିପାଠୀ, ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ, ରାଖାଲ ଦାସ ବାନାର୍ଜୀ, ଆର୍ ସୁବ୍ରମନିୟମ୍, ଡ. ହରେକୃଷ୍ଣ ମହତାବ ପ୍ରମୁଖ ମାଦଳାପାଞ୍ଜି ଉପରେ ଗବେଷଣା କରି ମତାମତ ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାଷାତତ୍ତ୍ୱବିତ୍ ଡ. ସୁନୀତି କୁମାର ଚାଟାର୍ଜୀ ୨୫.୧୨.୧୯୬୪ ମସିହାରେ କଟକଠାରେ ଅନୁଷ୍ଠିତ 'ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ'ର ସଭାପତି ଅଭିଭାଷଣରେ ମାଦଳାପାଞ୍ଜି ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ–

"ପୁରୀ ମନ୍ଦିରେର୍ ଓ ସଙ୍ଗେ ସଙ୍ଗେ ଓଡ଼ିଶାର ଇତିହାସ ଲିପିବଦ୍ଧ ହଇତେ ଥାକେ 'ମାଦଳାପାଞ୍ଜି' ନାମକ ଐତିହାସିକ ସ୍ମରଣ ପୁସ୍ତିକାୟ । ଇହା ଉଡ଼ିୟା ଗଦ୍ୟେ ଲିଖିତ । କଥିତ ଅଛ ପୁରୀ ଜଗନ୍ନାଥ ମନ୍ଦିରେର ପ୍ରତିଷ୍ଠାର ସମୟ ହଇତେଇ ଏଇ ପାଞ୍ଜି ଲିପିବଦ୍ଧ ହଇତେ ଥାକେ ଖୁଣ୍ଟିନାଣ୍ଟି ବ୍ୟାପାରେ ଭୁଲଭ୍ରାନ୍ତି ଦୋଷତ୍ରୁଟି ଥାକିଲେ ଓ ପାଞ୍ଜିତେ ଯେ ଅନ୍ତତଃ ମଧ୍ୟଯୁଗେର ଉଡ଼ିୟା ଗଦ୍ୟେର ମୂଲ୍ୟବାନ ନିଦର୍ଶନ ରକ୍ଷିତ ହଇୟାଛେ ତାହା ସ୍ୱୀକାର କରିତେ ହୟ । ଏଖାନେ ରାଜାର ମୁଖନିସୃତ ଏକାଦଶ ଦ୍ୱାଦଶ ଶତକେ ଉଡ଼ିୟା ଭାଷାର ପ୍ରାଞ୍ଜଳତା, ପ୍ରସାଦ ଗୁଣ ଓ ପ୍ରକାଶ ଶକ୍ତି ଦେଖିୟାଁ ସାଧୁବାଦ ଦିତେ ହୟ ଯେ ଉଡ଼ିୟା ଜାତି ଭାରତେର କୃତି ଦେଉଳ ବା ଦେବମନ୍ଦିର ଗଠନେ ଆତ୍ମ ନିୟୋଜିତ ହଇୟାଛିଲ, ବାସ୍ତୁବିଦ୍ୟାର ଓ ଭାସ୍କର୍ଯ୍ୟେର ଉନ୍ନତିର ପରାକାଷ୍ଠା ଯେ ଜାତି ପ୍ରଦର୍ଶନ କରିୟାଛିଲ ତାହାଦେର୍ ଉପଯୁକ୍ତ ଏଇ ଭାଷା । ମାଦଳାପାଞ୍ଜି ଏଇ ରାଜୋକ୍ତି ଭାରତୀୟ ସାହିତ୍ୟେର ଏକଟି ବିଶେଷ ଲକ୍ଷଣୀୟ କୃତି ।"

ମାଦଳାପାଞ୍ଜିର ପ୍ରାଚୀନ ଓଡ଼ିଆ ଶବ୍ଦ ସହିତ ବିଭିନ୍ନ ଦେଶଜ ଓ ବୈଦେଶିକ ଶବ୍ଦ ମଧ୍ୟ ଦେଖିବାକୁ ମିଳିଥାଏ । ଯଯାତି କେଶରୀଙ୍କ ସମ୍ପର୍କରେ ବ୍ୟବହୃତ ହୋଇଥବବା 'ଓଡ଼ିଶା' ଶବ୍ଦଟି ଡ. ନବୀନ କୁମାର ସାହୁଙ୍କ ମତରେ ଏହା ପଞ୍ଚଦଶ ଶତାବ୍ଦୀର ବୋଲି ଅନୁମାନ କରାଯାଏ, କାରଣ ସାରଳା ଦାସ ତାଙ୍କ ମହାଭାରତରେ ଓଡ୍ରାଷ୍ଟ ମଣ୍ଡଳ ବୋଲି ଉଲ୍ଲେଖ କରିଛନ୍ତି ।

ମାଦଳାପାଞ୍ଜିରେ ପ୍ରାଚୀନ ଓଡ଼ିଆ ଶବ୍ଦ ସୋମଦ୍ର, ଯୁଝ, ସ୍ନାହାନ ଇତ୍ୟାଦି ଦେଖିବାକୁ ମିଳିଥାଏ । ଠିକ୍ ସେହିପରି ଅନେକ ଯାଚନିକ ଶବ୍ଦ (ଆରବୀ, ପାର୍ସି ଇତ୍ୟାଦି ଭାଷାର ଶବ୍ଦ) ଯଥା ଦିଲ୍ଲୀ, ପାତିଶା, ମୁଗଲ, ଖଲିଫା ଇତ୍ୟାଦିର ପ୍ରୟୋଗ ହୋଇଥିବାରୁ କେତେକ ଗବେଷକ ଏହାକୁ ମୁସଲମାନ ଶାସନ ସମୟର ଲେଖା ବୋଲି ମତବ୍ୟକ୍ତ କରିଥାନ୍ତି ।

ଦ୍ରାବିଡ଼ ପ୍ରଭାବରେ କେତେକ ଦ୍ରାବଡ଼ି ଶବ୍ଦ ଯଥା ବାଟ, ମାଣ ଓ ମାଢ଼ ଇତ୍ୟାଦିର ବ୍ୟବହାର ଓ ବୈଦେଶିକ ଭାଷାର ପ୍ରଭାବରେ ବୈଦେଶିକ ଶବ୍ଦ ଯଥା ପୁଲିସ୍, ଗଭର୍ନମେଣ୍ଟ, ଜନରଲ ଇତ୍ୟାଦି ଦୃଷ୍ଟିଗୋଚର ହୋଇଥାଏ ।

ଠିକ୍ ସେହିପରି ଅନେକ ମୌଳିକ ଦେଶଜ ଓଡ଼ିଆ ଶବ୍ଦ

ଯଥା ପତ୍ରିବଡ୍ଡୁ, ମହରଗ, ସକାଳ, ସିଅଳ ଇତ୍ୟାଦି ଦୃଷ୍ଟିଗୋଚର ହୋଇଥାଏ ।

ମାଦଳାପାଞ୍ଜିରେ ମୁଖ୍ୟତଃ ଲୋକଭାଷା ଓ ଲୋକସାହିତ୍ୟକୁ ପ୍ରାଧାନ୍ୟ ଦିଆଯାଇଛି । କଥିତ ଭାଷାରେ ତତ୍କାଳୀନ ଲିଖନକାରମାନେ ପାଞ୍ଜି ଲେଖି ଯାଇଛନ୍ତି । ଯେଉଁରୁ ଆମେ ସେ ସମୟର ଶବ୍ଦ ଓ ଭାଷାର ପରିଚୟ ପାଇଥାଉ ।

ଯେଉଁ ଦେଶଜ ଶବ୍ଦଗୁଡ଼ିକୁ ଆମ୍ଭେମାନେ ମାଦଳାପାଞ୍ଜିରେ ପାଇଥାଉ ସେଗୁଡ଼ିକ ମଧ୍ୟରେ ଅଇଲେ, ଅଯାଜକ, ଟୋକା, ଝିଅ, ପହଣ୍ଡି, ସୁଆରବଡ୍ଡୁ ଇତ୍ୟାଦି ।

ଭାଷାର ବୈଶିଷ୍ଟ୍ୟ ବିଷୟରେ ଆଲୋଚନା କଲେ ଆମେ ଲକ୍ଷ୍ୟ କରିବା ବାକ୍ୟ ଗଠନ ପ୍ରଣାଳୀ କୌଣସି ନିର୍ଦ୍ଦିଷ୍ଟ ନିୟମକୁ ଅନୁସରଣ କରିନାହିଁ । କର୍ତ୍ତା, କର୍ମ ଓ କ୍ରିୟା ବ୍ୟବହାରରେ କୌଣସି ନିର୍ଦ୍ଦିଷ୍ଟ ଶୃଙ୍ଖଳା ନାହିଁ । କେତେକ ବାକ୍ୟ ଅତି ଦୀର୍ଘ ହୋଇଥିଲା ବେଳେ କେତେକ ବାକ୍ୟ ଅତି କ୍ଷୁଦ୍ରାକାର । ସେହିପରି କର୍ତ୍ତାବିହୀନ ବାକ୍ୟ, କ୍ରିୟାବିହୀନ ବାକ୍ୟ ଓ ଅସମାପିକା କ୍ରିୟାର ପ୍ରୟୋଗ ପ୍ରଭୃତି ବିଭ୍ରମ ଦେଖାଯାଏ ।

କ୍ଷୁଦ୍ର ବାକ୍ୟ- ଗଙ୍ଗୁଆ ନଦୀରେ ଅଠରନଳା ବସାଇଲେ ।

ଦୀର୍ଘ ବାକ୍ୟ - ଥୋକାଏ ବରଷ ଗଲା ଉତ୍ତାରେ ଏକଦିନକର ରାତ୍ରରେ ରାଜା ପରମେଶ୍ୱରଙ୍କୁ ସପନରେ ଦେଖିଲାକୁ ପରମେଶ୍ୱରଙ୍କୁ ଦର୍ଶନ କରିବାକୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଛାମୁରେ ଶାଢ଼ି ପ୍ରସାଦ ଲାଗି ହୋଇ ଶ୍ରୀନବରେ ବିଜେ କରି ମୁଦ୍ଦୂଳ କରାଇଲେ ।

କର୍ତ୍ତାବିହୀନ ବାକ୍ୟ- ଷୋଳସାଆନ୍ତ ପଦମାନ ଦେଲେ

କ୍ରିୟାହୀନ ବାକ୍ୟ- ଗଙ୍ଗବଂଶରୁ ଜାତ ଆଦିପାଟ ଚୁଡ଼ଗଙ୍ଗ ଦେବ, ଏହି ଚୁଡ଼ଗଙ୍ଗ ଦେବ ବେତାଳ ସାଧ ।

ଏହିପରି ରାଶି ରାଶି ଉଦାହରଣ ମାଦଳାପାଞ୍ଜିରେ ମିଳିଥାଏ, ଯାହାକି ସେ ସମୟର ଭାଷାର ବୈଶିଷ୍ଟ୍ୟ ପ୍ରତିପାଦିତ କରିଥାଏ ।

ମାଦଳାପାଞ୍ଜିର କାଳ ନିର୍ଣ୍ଣୟ କ୍ଷେତ୍ରରେ ଯଦିଓ ବିଭିନ୍ନ ଗବେଷକ ଓ ଐତିହାସିକଙ୍କ ଭିନ୍ନ ଭିନ୍ନ ମତ ରହିଛି ତଥାପି ଏହାର ସାହିତ୍ୟିକ ମୂଲ୍ୟବୋଧ ନିଶ୍ଚୟ ରହିଛି ବୋଲି ସମସ୍ତେ ସ୍ୱୀକାର କରିବେ । ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ଏହା ଏକ ଦୃଷ୍ଟାନ୍ତ । ପ୍ରାଚୀନ ଓଡ଼ିଆ ଭାଷାର କଥନଶୈଳୀ, ପ୍ରାଚୀନ ଶବ୍ଦ ଇତ୍ୟାଦିରୁ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଏଥିରେ ପ୍ରକାଶିତ ହେଉଛି । ତେଣୁ ସମଗ୍ର ଭାରତବର୍ଷରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ସହାୟକ ଗ୍ରନ୍ଥସୂଚୀ :**


୧. ମାଦଳାପାଞ୍ଜି ସମ୍ପାଦନା- ଡ. ଆର୍ତ୍ତବଲ୍ଲଭ ମହାନ୍ତି ।

୨. ଓଡ଼ିଆ ସାହିତ୍ୟର ଇତିହାସ - ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ।

୩. ମାଦଳାପାଞ୍ଜି ସମ୍ପାଦନା - ଅଧ୍ୟାପକ ମୃତ୍ୟୁଞ୍ଜୟ ନାୟକ ।

୪. ଶ୍ରୀମନ୍ଦିର ଶବ୍ଦକୋଷ - ପ୍ରଫେସର ସୁରେନ୍ଦ୍ରନାଥ ଦାଶ ।



ସହଯୋଗୀ ଗବେଷକ

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

ଭାରତୀୟ ଭାଷା ସଂସ୍ଥାନ, ୟୁନିଟ୍-୨, ଭୁବନେଶ୍ୱର

ଦୂରଭାଷ : ୯୬୬୮୭୧୫୫୬୩